## 'ଓପନ୍ ଏଜୁକେଶନ ରିସୋର୍ସେସ' କର୍ମଶାଳା ଉଦ୍‌ଘାଟିତ

# ମୁକ୍ତ ଶିକ୍ଷା ବର୍ତ୍ତମାନର ବଡ଼ ଆବଶ୍ୟକତା

ଭୁବନେଶ୍ୱର,(ବ୍ୟୁରୋ)– ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓପନ୍ ଏଜୁକେଶନ୍ ରିସୋର୍ସେସ ସମ୍ପର୍କିତ ଏକ ୩ଦିନିଆ କର୍ମଶାଳା ମଙ୍ଗଳବାର ନ୍ୟାଶନାଲ ଏକାଡେମୀ ଅଫ ବ୍ରଡକାଷ୍ଟିଂ ଆଣ୍ଡ ମଲ୍ଟିମିଡିଆ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟବକ୍ତାଭାବେ ପ୍ରଫେସର ମୋହନ ମେନନ୍ ଯୋଗଦେଇ କହିଥିଲେ, ସମୟ ସାଙ୍ଗରେ ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ବ୍ୟାପକ ପରିବର୍ତ୍ତନ ଆସିଛି। ପ୍ରଯୁକ୍ତିବିଦ୍ୟା ସହିତ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପାଠ୍ୟ ପୁସ୍ତକକୁ ସଭିଙ୍କ ପାଇଁ ମୁକ୍ତ କରିବାର ସମୟ ଆସିଛି। ଏହାଦ୍ୱାରା ଆମେ ଅପହଞ୍ଚ ଲୋକଙ୍କ ପାଖରେ ପହଞ୍ଚି ପାରିବା। ଏହା କେବଳ ଲେଖିବା ଓ ଜଣାଇବାର ସ୍ୱାଧୀନତା ଦେଉନାହିଁ, ବରଂ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ମଧ୍ୟ ସ୍ୱାଧୀନତା ଦେଉଛି ବୋଲି ସେ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନ୍ୟାଶନାଲ୍ ଏକାଡେମୀ ଅଫ୍ ବ୍ରଡକାଷ୍ଟିଂ ଆଣ୍ଡ ମଲ୍ଟିମିଡିଆର ମୁଖ୍ୟ ପି.କେ. ପତି ଯୋଗଦେଇ କହିଥିଲେ, ଶିକ୍ଷା ବ୍ୟବସ୍ଥାର ଅଧପତନ ଘଟୁଛି ବୋଲି ଚର୍ଚ୍ଚା ହେଉଛି। ହେଲେ ଯଦି ଆମେ ମୂଲ୍ୟଯୁକ୍ତ ଓ ଶୁଦ୍ଧ ବିଷୟବସ୍ତୁ ଉପରେ ଆଧାରିତ ପାଠ୍ୟପୁସ୍ତକ ଯୋଗାଇଦେଇ ପାରିବା, ତେବେ ଏହା ଶିକ୍ଷାର ମାନ ବୃଦ୍ଧି କରିବାରେ ନିଶ୍ଚିନ୍ତଭାବେ ସହାୟକ ହେବ। କମନ୍‌ୱେଲଥ ଏଜୁକେଶନ୍ ଏଣ୍ଡ ମିଡିଆ ସେଣ୍ଟର୍ ଫର୍ ଏସିଆର ପ୍ରୋଗ୍ରାମ ଅଫିସର ଡ. ମାନସ ରଞ୍ଜନ ପାଣିଗ୍ରାହୀ ଏହି ଅବସରରେ ମୁକ୍ତ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିବା ସହ ଏହା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଜୟନ୍ତ କରଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅଧ୍ୟାପକ ଜ୍ୟୋତି ପ୍ରକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ସମସ୍ତ ଅଞ୍ଚଳରୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ ଓ ଶିକ୍ଷାବିତ୍‌ମାନେ କର୍ମଶାଳାରେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବେ ୧୪ଟି ବିଷୟରେ ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ପ୍ରଦାନ କରୁଥିବା ବେଳେ ଏହା ରାଜ୍ୟର ପ୍ରଥମ ଏବଂ ଦେଶର ୧୫ଶ ମୁକ୍ତ ବିଶ୍ୱବିଦ୍ୟାଳୟ।




'ଓପନ୍ ଏଜୁକେଶନ ରିସୋର୍ସେସ' କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।